# NATIONAL NEWS BULLETIN (ODIA)

## 21 April - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଆଜି ଦିନିକିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ।

– ରାଉରକେଲାରେ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ।

- ତାମିଲନାଡୁ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଶେଷ ହେବ ପ୍ରଚାର କାର୍ଯ୍ୟ ।
- ଅଷ୍ଟାଦଶ ଲୋକସେବା ଦିବସ ଅବସରରେ ନୂଆଦିଲ୍ଲୀଠାରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ସମ୍ବୋଧନ କରିବେ ଉପରାଷ୍ଟ୍ରପତି ।
- ଜର୍ମାନୀକୁ ଆଜିଠାରୁ ତିନି ଦିନିଆ ଗସ୍ତରେ ଯିବେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୯୯ ରନ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ ।

## ରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ ସମୟରେ ରାଷ୍ଟ୍ରପତି ରାଉରକେଲାଠାରେ ଏକ ପ୍ଲାନେଟୋରିୟମ୍ ଓ ବିଜ୍ଞାନ କେନ୍ଦ୍ର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥକୁ ଉଦ୍‌ଘାଟନ କରିବେ। ଏହା ସହିତ ବିମାନ ବନ୍ଦର ନିକଟ ପଡ଼ିଆରେ ଆୟୋଜିତ ଏକ ଜନସଭାକୁ ମଧ୍ୟ ସମ୍ବୋଧିତ କରିବେ। ଶ୍ରୀମତୀ ମୁର୍ମୁ ରାଉରକେଲାଠାରେ ଆଦିପର୍ବରେ ସାମିଲ ହେବା ସହ ଜନଜାତି ସଂଗ୍ରହାଳୟ, କମାଣ୍ଡ ଓ ନିୟନ୍ତ୍ରଣ କକ୍ଷକୁ ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

## ଇଲେକ୍‌ସନ୍

ତାମିଲନାଡୁର ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହେଉଛି । ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥିଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ ଜୋର୍‌ସୋରରେ ଚାଲିଛି । ପଶ୍ଚିମବଙ୍ଗର ସିଲିଗୁଡ଼ି, ପଶ୍ଚିମ ବର୍ଦ୍ଧମାନ, ପଶ୍ଚିମ ମେଦିନାପୁର ଏବଂ ପୂର୍ବ ମେଦିନାପୁର ଜିଲ୍ଲାର କେତେକ ନିର୍ବାଚନୀ ସମାବେଶକୁ ଆଜି ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

ପୂର୍ବ ମେଦିନାପୁରର ହଳଦିଆ, ଉତ୍ତର ଚବିଶ ପ୍ରଗଣା ଜିଲ୍ଲାର ବାରାକ୍‌ପୁର, ଜଗତଦଲ୍ ଏବଂ କୋଲକାତାର ଜୋରାସାଙ୍କୋଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଅନ୍ୟ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମଧ୍ୟ ନିର୍ବାଚନୀ ସମାବେଶର ଆୟୋଜନ କରାଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ନେଇ ପ୍ରସ୍ତୁତି ହୋଇଛି ।

ଆସନ୍ତା ୨୩ ତାରିଖ ଗୁରୁବାର ଦିନ ଉଭୟ ରାଜ୍ୟରେ ବିଧାନସଭା ନିର୍ବାଚନ ନେଇ ମତଗ୍ରହଣ କରାଯିବ ।

## ଭିପି-ସିଭିଲ୍ ସର୍ଭାଣ୍ଟ ଡେ

ଅଷ୍ଟାଦଶ ଲୋକସେବା ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ନୂଆଦିଲ୍ଲୀଠାରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କୁ ସମ୍ବୋଧନ କରିବେ । ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିକଶିତ ଭାରତ ତୃଣମୂଳ ସ୍ତର ପର୍ଯ୍ୟନ୍ତ ନାଗରୀକ କୈନ୍ଦ୍ରିକ ଶାସନ ଓ ବିକାଶ । କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, ଏମ୍.ଏମ୍.ଏମ୍.ଇ. ମନ୍ତ୍ରୀ ଜିତନରାମ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ

ଚୌହାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବୋଧନ କରିବେ । କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ କହିଛି, ଲୋକସେବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି ।

## ଏମ୍‌ଇଏ-କୋରିଆ

ଭାରତ ଏବଂ ଦକ୍ଷିଣ କୋରିଆ ଦ୍ୱିପାକ୍ଷିକ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବଭାଗ ସଚିବ ପି. କୁମାରନ୍ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ କୁମାରନ କହିଛନ୍ତି, ଭାରତ ଗସ୍ତରେ ଆସିଥିବା ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ଉଭୟ ନେତା ସ୍ୱତନ୍ତ୍ର ରଣନୈତିକ ସହଭାଗିତାର ପ୍ରଗତି ଉପରେ ମଧ୍ୟ ସମୀକ୍ଷା କରିଛନ୍ତି । ବାଣିଜ୍ୟ, ଆର୍ଥିକ ସେବା, ଜାହାଜ ନିର୍ମାଣ, କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର ଶକ୍ତି, ଆଦି ଗୁରୁତ୍ୱପୂର୍ଣ୍ଣ ତଥା ବିକଶିତ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା ଓ ସୁରକ୍ଷା ତଥା ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରଗୁଡ଼ିକ ଉପରେ ଉଭୟ ନେତାଙ୍କ ମଧ୍ୟରେ

ମତବିନିମୟ ହୋଇଥିବା ଶ୍ରୀ କୁମାରନ୍ କହିଛନ୍ତି । ସେ କହିଛନ୍ତି, ଏକ୍ ପେଡ୍ ମା’ କି ନାମ୍ ଅଭିଯାନ ଅଧୀନରେ ରାଷ୍ଟ୍ରପତି ମ୍ୟୁଇଙ୍ ଏକ ଚାରା ରୋପଣ ମଧ୍ୟ କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶାନ୍ତି ଏବଂ ସୁରକ୍ଷା କ୍ଷେତ୍ରରେ ସମ୍ମିଳିତ ଭାବେ କାର୍ଯ୍ୟ କରିବା ନେଇ  ଉଭୟ ପକ୍ଷଙ୍କ ମଧ୍ୟରେ ସହମତି ହୋଇଥିବା ଶ୍ରୀ କୁମାରନ୍ ସୂଚନା ଦେଇଛନ୍ତି ।

# ରେଲୱେଜ୍-ପିଡବ୍ଲ୍ୟୁଡି

ଦିବ୍ୟାଙ୍ଗ ପରିଚୟ କାର୍ଡ଼ଧାରୀ ମେଲ୍ ଏବଂ ଦ୍ରୁତଗାମୀ ଟ୍ରେନ୍‌ର ଅଣସଂରକ୍ଷିତ ଦିବ୍ୟାଙ୍ଗଜନ କୋଚ୍‌ରେ ଯାତ୍ରା କରିପାରିବେ ବୋଲି ଭାରତୀୟ ରେଳବାଇ ସ୍ପଷ୍ଟ କରିଛି । ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ପରିଚୟପତ୍ର ଜାରି କରାଯାଉଛି । ରେଳ ମନ୍ତ୍ରଣାଳୟ କହିଛି, ବୈଧ କାର୍ଡ଼ଧାରୀ ଦିବ୍ୟାଙ୍ଗଙ୍କୁ ନିର୍ଦ୍ଦିଷ୍ଟ କୋଚ୍‌ରେ ଯାତ୍ରୀ ଭାବେ ବିବେଚନା କରାଯିବ । ଦିବ୍ୟାଙ୍ଗଜନ କମ୍ପାଟମେଣ୍ଟ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଏଥିରେ ସମ୍ପୃକ୍ତ ରହିଛି ।

ରେଳବାଇ ଆଇନ୍ ୧୯୮୯ ଅନୁଯାୟୀ ଏଭଳି ନିର୍ଦ୍ଦିଷ୍ଟ କୋଚ୍‌ରେ ଯାତ୍ରା କରୁଥିବା ଅନଧିକୃତ ଯାତ୍ରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମସ୍ତ ରେଳବାଇ ଜୋନ୍‌କୁ ଏ ସଂକ୍ରାନ୍ତ ନିର୍ଦ୍ଦେଶାବଳୀ

ଜାରି କରାଯାଇଛି । ଦିବ୍ୟାଙ୍ଗଜନ କାର୍ଡ଼ଧାରୀ ଏହି ଫଟୋ ପରିଚୟପତ୍ର ମାଧ୍ୟମରେ ରେଳଯାତ୍ରା କ୍ଷେତ୍ରରେ ରିହାତି ପାଇପାରିବେ । ବୈଧ ଅକ୍ଷମତା ପ୍ରମାଣପତ୍ର ଆଧାରରେ ଏହି କାର୍ଡ଼ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଜାରି କରାଯାଇଥାଏ ବୋଲି ଭାରତୀୟ ରେଳବାଇ କହିଛି ।

## ରାଜନାଥ-ଜର୍ମାନ୍ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ତିନିଦିନିଆ ଜର୍ମାନୀ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ରଣନୈତିକ ପ୍ରତିରକ୍ଷା ସହଭାଗିତାକୁ ସୁଦୃଢ଼ କରିବା ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଗସ୍ତ ଅବସରରେ ଶ୍ରୀ ସିଂହ ତାଙ୍କ ଜର୍ମାନ ପ୍ରତିପକ୍ଷ ବୁରିଶ ପିଷ୍ଟୋରିୟସଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ପ୍ରତିରକ୍ଷା ଶିଳ୍ପ ସହଯୋଗ ବୃଦ୍ଧି, ସୁଦୃଢ଼ ସାମରିକ ସମ୍ପର୍କ ଏବଂ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରଗୁଡ଼ିକ ଉପରେ ଉଭୟଙ୍କ ମଧ୍ୟରେ ମତ ବିନିମୟ ହେବ । ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଦ୍ୱିପାକ୍ଷିକ ସମ୍ମିଳିତ ବିକାଶ ଏବଂ ସହ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଗସ୍ତ ଅବସରରେ ଜର୍ମାନ ପ୍ରତିରକ୍ଷା ଶିଳ୍ପର ପ୍ରମୁଖ ପ୍ରତିନିଧିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

ଭାରତ ଓ ଜର୍ମାନୀ ମଧ୍ୟରେ ଏକ ସୁଦୃଢ଼ ଦ୍ୱିପାକ୍ଷିକ ଏବଂ ବହୁମୁଖୀ ରଣନୈତିକ ସହଭାଗିତା ରହିଛି । ଗଣତାନ୍ତ୍ରିକ ମୂଲ୍ୟବୋଧ, ସୁ-ଶାସନ ଏବଂ ନିୟମ ଭିତ୍ତିକ ଆନ୍ତର୍ଜାତିକ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବାରେ ଉଭୟ ଦେଶ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଆସିଛନ୍ତି । ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ କ୍ଷେତ୍ରରେ ସହଭାଗିତା ନେଇ ଉଭୟ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କ ରହିଛି ।

## ଟ୍ରମ୍ପ୍-ଇରାନ୍-ୟୁଏସ୍ ଟକ୍ସ

ଇରାନ୍ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନେଇ ଦେଖାଦେଇଥିବା ଅନିଶ୍ଚିତତା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ତେହେରାନ୍‌କୁ ଏକ ଉନ୍ନତ ଚୁକ୍ତି ପ୍ରସ୍ତାବ ପ୍ରଦାନ କରାଯାଇଛି । ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍‌ରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ସାମ୍ପ୍ରତିକ ପ୍ରସ୍ତାବ ପୂର୍ବ ଚୁକ୍ତି ଅପେକ୍ଷା ଅଧିକ ସମୟୋପଯୋଗୀ ।

ପୂର୍ବ ଚୁକ୍ତିରେ ଯୁଗ୍ମ କାର୍ଯ୍ୟ ଯୋଜନା ଏବଂ ଇରାନ୍ ପରମାଣୁ କ୍ଷେତ୍ର ନେଇ କେତେକ ପ୍ରସ୍ତାବ ରହିଥିଲା । ଇରାନ୍ ବିରୁଦ୍ଧରେ ଥିବା କେତେକ ପ୍ରତିବନ୍ଧକକୁ ଦୂର କରିବା ଲକ୍ଷ୍ୟ ନେଇ ତେହେରାନର ପରମାଣୁ

କାର୍ଯ୍ୟକ୍ରମ ସମ୍ପର୍କରେ ପୂର୍ବରୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ୨୦୧୫ରେ ଇରାନ୍ ଏବଂ ସୁରକ୍ଷା ପରିଷଦର ୫ଟି ସ୍ଥାୟୀ ସଦସ୍ୟ ଏବଂ ଜର୍ମାନ ଓ ୟୁରୋପୀୟ ସଂଘ ମଧ୍ୟରେ ଏକ ଯୁଗ୍ମ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ୨୦୧୮ ମସିହାରେ ଆମେରିକା ଏହି ଚୁକ୍ତିରୁ ଓହରି ଯାଇଛି ।

ଅନ୍ୟ ପକ୍ଷରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ନେତୃତ୍ୱରେ ଜାରେଡ୍ କୁଶନର୍ ଏବଂ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍ ଇରାନ୍ ସହ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଇସଲାମାବାଦ ଗସ୍ତ କରୁଛନ୍ତି । ତେବେ ଏହି ଆଲୋଚନାରେ ଇରାନ୍‌ର ଅଂଶଗ୍ରହଣ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ୍ ବାକାଏଇ କହିଛନ୍ତି, ଏହି ଆଲୋଚନା ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ । ଆମେରିକା' ଇରାନୀ ବନ୍ଦରଗୁଡ଼ିକୁ ଅବରୋଧ କରିଥିବା ବେଳେ ଇରାନ୍ ଦୁଇ ସପ୍ତାହର ଯୁଦ୍ଧ ବିରତି ଅବସରରେ ହର୍ମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ କରିବା ନେଇ ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୯୯ରନ୍‌ରେ ଗୁଜରାଟର ଟାଇଟନ୍ସକୁ ପରାସ୍ତ କରିଛି । ଟସ୍ ଜିତି ଗୁଜରାଟ ଟାଇଟନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୯୯ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତିଲକ ବର୍ମା ୪୫ଟି ବଲ୍‌ରେ ଅପରାଜିତ ଶତକ ହାସଲ କରିଥିଲେ । ୨୦୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ୧୫ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୦୦ରନ୍ କରିବାକୁ ସକ୍ଷମ ହୋଇଥିଲା । ତିଲକ ବର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

# ପ୍ୱେଦର

ଦେଶର ବିଭିନ୍ନ ପ୍ରାନ୍ତରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରକୋପ ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଚଣ୍ଡିଗଡ଼, ଦିଲ୍ଲୀ, ହରିଆଣା, ପୂର୍ବ ରାଜସ୍ଥାନ, ଉତ୍ତରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ପଞ୍ଜାବ ଏବଂ ବିଦର୍ଭରେ ୪୮ ଘଣ୍ଟା ପର୍ଯ୍ୟନ୍ତ ଗ୍ରୀଷ୍ମର ପ୍ରକୋପ ଜାରି ରହିବ । ଅରୁଣାଚଳ ପ୍ରଦେଶର କେତେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଉପକୂଳ ଆନ୍ଧ୍ରପ୍ରଦେଶ, କେରଳ, ମାହେ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ ଏବଂ କରେଇକାଲରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଗରମ ଏବଂ ଆର୍ଦ୍ର ପାଗ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।

ଓଡ଼ିଶାରେ ମଧ୍ୟ ଗ୍ରଷ୍ମର ପ୍ରକୋପ ଜାରି ରହିଛି । ରାଜ୍ୟର ୧୪ଟି ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଛି । ସର୍ବାଧିକ ତାପମାତ୍ରା ୪୨ ଦଶମିକ୍ ୫ ଡିଗ୍ରୀ ସେଲ୍‌ସିୟସ୍ ଟିଟିଲାଗଡ଼ଠାରେ ରେକର୍ଡ଼ କରାଯାଇଛି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି ।